**ତହସିଲଦାରଙ୍କ କାର୍ଯ୍ୟାଳୟ,ପାପଡାହାଣ୍ଡି**

**ଇମେଲ୍ – tah.papad-od@nic.in**

**ଇସ୍ତାହାର**

**ବିଜ୍ଞାପନ ସଂଖ୍ୟା-1729/2020** **ତାରିଖ. 19/11/~~08~~/ 2020**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଓଡିଶା ସରକାରଙ୍କ ଲଘୁ ଖଣିଜ ରିହାତି ନିୟମ, ୨୦୧୬ (Odisha Minor Mineral Concession Rules, 2016) ଅନୁଯାଇ ଏହି ତହସିଲ ଅଧୀନରେ ଥିବା ଔପଚାରିକ-"କ" ରେ ସୂଚିତ ଲଘୁ ଖଣିଜ ଦ୍ରବ୍ୟ (ସଇରାତ ଉତ୍ସ) ଯଥା (ପଥର /ବାଲି ଖାଦାନ ) ଗୁଡିକୁ ଆସନ୍ତା 5(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲୀଜ ସୂତ୍ରରେ ପ୍ରଦାନ କରାଯିବା ନିମନ୍ତେ ନିଲାମ କରାଯିବ । ତେଣୁ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

୧. ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦି ଲୀଜ ନିମନ୍ତେ ଉକ୍ତ ସଇରାତ ଉତ୍ସ ଗୁଡିକର ବନ୍ଦୋବସ୍ତ ପାଇଁ ଉପଯୁକ୍ତ ନିୟମର ନିୟମ ୨୭(୪) ମୁତାବକ ଅବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule 2016 ଅନୁଯାୟୀ FORM-M ପୂରଣ କରି ଏହାର ତିନୋଟି ନକଲ ସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରିବା ବାଞ୍ଛନୀୟ ।

(i) ଦରଖାସ୍ତ ଫି ବାବଦକୁ ନିମ୍ନ ଦର୍ଶିତ ବାବଦକୁ Head of Account ରେ ଜମା କରିଥିବା ଟ ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ ସଂଲଗ୍ନ କରିବେ ।

"Head of Account-0853- Non- ferrous Mining and Metallurgical Industries-102-Mining Concession fees, Rents and Royalties"

(ii) ଆବେଦନକାରୀଙ୍କ ପୂର୍ବରୁ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ (Affidavit) ଦେବେ।

(iii) ଆବେଦନକାରୀ ଔପଚାରିକ-"କ" ରେ ଦର୍ଶିତ ଅଗ୍ରୀମ ଦେୟ ଜମା ରୟାଲିଟି (Royalty ) ଓ ଅତିରିକ୍ତ ଦେୟ (Additional Charge)ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇ ଥିବା ବାଲି ଓ ପଥର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money Deposit) ଡିମାଣ୍ଡ ଡ୍ରାଫ୍ଟ in favour of the Tahasildar, Papadahandi payable at SBI, Nabarangpur)। ନାମରେ ଜମା କରିବେ।

(iv) ଆବେଦନକାରୀ ସର୍ବନିମ୍ନ ଅଠର ମାସ ନିମନ୍ତେ ଏକ ବ୍ୟାଙ୍କ ପ୍ରତ୍ୟାଭୂତ (Bank Guarantee) ଔପଚାରିକ-"କ" ରେ ଦର୍ଶିତ କିମ୍ବା ତତୋଧିକ ମୂଲ୍ୟର ବ୍ୟାଙ୍କ ପ୍ରତ୍ୟାଭୂତ କିମ୍ବା ଉପଯୁକ୍ତ ମୂଲ୍ୟର Solvency Certificate ପ୍ରଦାନ କରିବେ । ଏହା ବାଲି ଓ ପଥର ଉତ୍ସ ପାଇଁ ଦେବାକୁ ଥିବା ରୟାଲଟି (Royalty) ଯୁକ୍ତ ଦର୍ଶାଇଥିବା ଅତିରିକ୍ତ ଦେୟ ସହିତ ଏକ ବର୍ଷ ନିମନ୍ତେ ନିର୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର(minimum Guaranteed Quantity) ବାଲି କିମ୍ବା ପଥର ରାଶିର ଗୁଣନ କରାଯାଇ ସେହି ସମାନ ମୂଲ୍ୟର **ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ବା** Solvency Certificate **ଦେବେ** ।

(v) ଗତ ବର୍ଷର 2019-20 ଆୟକର ଦାଖଲ (I.T. Return) –ଆୟକର ଦାଖଲ ବିଗତ ବର୍ଷର 2018-19 ଗ୍ରହଣ ଯୋଗ୍ୟ ହେବ ନାହିଁ ।

(vi) ଦରଖାସ୍ତକାରୀଙ୍କ ଆଧାର କାର୍ଡ ଏବଂ ପାନ କାର୍ଡର ନକଲ

୨. ଉପଯୁକ୍ତ ନିୟମାବଳୀର ନିୟମ ୨୭(୪) ମୁତାବକ ଦରଖାସ୍ତ ଫର୍ମରେ ଲଘୁ ଖଣିଜ ଦ୍ରବ୍ୟର ଘନ ମିଟର ପ୍ରତି (Cubic Meter) ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (Additional charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ସମ୍ପୃକ୍ତ ଉତ୍ସ ନିମନ୍ତେ ଏକାଧିକ ବ୍ୟକ୍ତି ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତାହାହେଲେ ସେମାନଙ୍କ ମଧ୍ୟରେ ଲଟେରୀ ମାଧ୍ୟମରେ ସ୍ଥିର କରି ଚୟନ କରାଯିବ।

୩. ଏହି ଦୀର୍ଘ ମିଆଦି ସଇରାତ ବନ୍ଦୋବସ୍ତ ନିମନ୍ତେ ଦରଖାସ୍ତକାରୀ ପ୍ରାକ ଅନୁଶୀଳନ ପାଇଁ ଉପସ୍ଥାପନା ଅବ୍ୟବହିତ ପୂର୍ବରୁ ପଥର ଏବଂ ବାଲି ଖାଦାନ ପରିଦର୍ଶନ କାରୀ ସଇରାତ ପରିଚାଳନା ପାଇଁ ଆନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇ ପାରିବେ । ଦରଖାସ୍ତ ଦେବା ପୂର୍ବରୁ ସଇରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୪. ପ୍ରତ୍ୟେକ ଉତ୍ସ ନିମନ୍ତେ ପୃଥକ ଦରଖାସ୍ତ ଫର୍ମ ସଠିକ ଭାବେ ପୂରଣ କରି ଅବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସହିତ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ଅର୍ଥାତ ତା: ୦୮.୧୨.୨୦୨୦ ରିଖ ଅପରାହ୍ନ ୧.୦୦ ଘଣ୍ଟିକା ସୁଦ୍ଧା ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ (ସରକାରୀ ଛୁଟିଦିନ ବ୍ୟତୀତ) କିମ୍ବା ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ ଯୋଗେ ତହସିଲଦାର, ପାପଡାହାଣ୍ଡି, ଜିଲ୍ଲା: ନବରଙ୍ଗପୁରଙ୍କ ନିକଟକୁ ପ୍ରେରଣ କରିପାରିବେ । ନିଜର ସମ୍ପୂର୍ଣ୍ଣ ଠିକଣା ଲେଖି ଲଫାପା ଉପରେ ଉତ୍ସର ନାମ ଉଲ୍ଲେଖ କରିବେ । ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ । ଯଦି ଲଫାପା ଉପରେ ଉତ୍ସର ନାମ ଉଲ୍ଲେଖ ନଥିବ

ଯଦି କୌଣସି ଭଣ୍ଡ ନିମନ୍ତେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ସେହି ଭଣ୍ଡ ନିମନ୍ତେ ତା: ୦୯.୧୨.୨୦୨୦ ରିଖ ଠାରୁ ୧୭.୧୨.୨୦୨୦ ରିଖ ଅପରାହ୍ନ ୧.୦୦ ଘଣ୍ଟିକା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ । ଯଦି ଦ୍ୱିତୀୟ ଥର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଭଣ୍ଡ ନିମନ୍ତେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ସେହି ଭଣ୍ଡ ନିମନ୍ତେ ତୃତୀୟ ତଥା ଶେଷ ଥର ତା: ୧୭.୧୨.୨୦୨୦ ରିଖ ଠାରୁ ୨୪.୧୨.୨୦୨୦ ରିଖ ଅପରାହ୍ନ ୧.୦୦ ଘଣ୍ଟିକା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ ।

୫. ପ୍ରଥମ ଦଫାରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ତା: ୦୯.୧୨.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଚୟନ କମିଟିଙ୍କ ଦ୍ୱାରା ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରିଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହି ପାରନ୍ତି । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥି ନିମନ୍ତେ ନିଲାମ ଚୟନ ପ୍ରକୀୟା ଅବ୍ୟାହିତ ରହିବ । ଦରଖାସ୍ତ, ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସଠିକ ନ ଥିଲେ କିମ୍ବା ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ପ୍ରଦାନ କରିନଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ । ଯଦି କୌଣସି ଭଣ୍ଡ ନିମନ୍ତେ ପ୍ରଥମ ଦଫାରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ହୋଇନଥାଏ କିମ୍ବା ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହାହେଲେ ଦ୍ୱିତୀୟ ଏବଂ ଶେଷ ଦଫାରେ ପ୍ରାପ୍ତ ଦସ୍ତବେଜ ଗୁଡିକର ଯଥାକ୍ରମେ ୧୭.୧୨.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ଓ ତା: ୨୪.୧୨.୨୦୨୦ ଅପରାହ୍ନ ୩.୦୦ ଘଣ୍ଟିକା ସମୟରେ ଉପରୋକ୍ତ ପ୍ରକାରେ ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରିଯିବ । ଉକ୍ତ ଦିନ ଗୁଡିକରେ କୌଣସି କାରଣରୁ ନିଲାମ କାର୍ଯ୍ୟ ସମ୍ପର୍ଣ୍ଣ ହୋଇନପାରିଲେ ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟରେ ନିଲାମ କାର୍ଯ୍ୟ ଅନୁଷ୍ଠିତ ହେବ ।

୬. ଚୟନ ପ୍ରକ୍ରିୟା ଶେଷ ହେବାର ସାତ ଦିନ ମଧ୍ୟରେ ଚୟନ ସମ୍ବନ୍ଧୀୟ ତଥ୍ୟ ଓ ଲିଜ ର ସର୍ତ୍ତାବଳୀ ଫର୍ମ –"F" ରେ ମନୋନୀତ ନିଲାମଧାରୀ ଙ୍କୁ ଜଣାଇ ଦିଆଯିବ ।

୭. ପ୍ରଥମ ମନୋନୀତ ନିଲାମଧାରୀ ଫର୍ମ –"F" ରେ ତଥ୍ୟ ପାଇବାର ପନର ଦିନ ମଧ୍ୟରେ ଉପଯୁକ୍ତ ନିୟମାବଳୀର ନିୟମ ୨୭ (୭) ମୁତାବକ ଅମାନତ ରାଶି (Security Deposit) ବାବଦକୁ ଆବଶ୍ୟକ ଅର୍ଥ ରାଶି ଏହି କାର୍ଯ୍ୟାଳୟରେ ଜମା କରିବେ (ଉକ୍ତ ଅମାନତ ରାଶି ବିନା ସୁଧରେ ଲିଜ ଅବଧି ସରିବା ପର୍ଯ୍ୟନ୍ତ ଜମା ରଖାଯିବ)। ଯଦି ପ୍ରଥମ ମନୋନୀତ ନିଲାମଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ପରବର୍ତ୍ତୀ (ଦ୍ୱିତୀୟ) ଯଦି ସର୍ବୋଚ୍ଚAdditional Charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀ ମଧ୍ୟ ତଦ୍ରୁପ ଖିଲାପ କରିଲେ, ଉକ୍ତ ନିଲାମ କୁ ରଦ୍ଦ କରାଯାଇ ନୂତନ ଭାବେ ନିଲାମ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ ( Controlling Authority ) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ । ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ତତ୍ ସହିତ ପୂର୍ବରୁ ସାଇରାତ ଖଦାନ ବନ୍ଦୋବସ୍ତ ଜନିତ କୌଣସି ରାଜସ୍ୱ, ରୟାଲଟି ପ୍ରଦାନରେ ଖିଲାପକାରୀଙ୍କ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

୮. ମନୋନୀତ ନିଲାମଧାରୀ ଫର୍ମ –"F" ରେ ତଥ୍ୟ ପାଇବା ପରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିଜ ଖର୍ଚ୍ଚରେ ପରିବେଶ ସମ୍ବନ୍ଧୀୟ କ୍ଲିୟରେନ୍ସ (Environmental Clearance), କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ (SEIAA)ଙ୍କ ଠାରୁ ହାସଲ କରି ଏହି କାର୍ଯ୍ୟାଳୟରେ ଦାଖଲ କରିବେ ଏବଂ ଫର୍ମ –"N" ରେ ନିଜ ଖର୍ଚ୍ଚରେ ଲିଜ ରାଜିନାମା (ରେଜିଷ୍ଟ୍ରେସନ ଆକ୍ଟ ୨୦୦୮ ଏବଂ ଆକ୍ଟ ୧୮୯୯ ଅନୁଯାୟୀ ) ସମ୍ପାଦନ କରିବେ । ଲିଜ ରାଜିନାମା ରେଜିଷ୍ଟ୍ରେସନ କରିବା ପୂର୍ବରୁ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ପାଳନ କରିବାପାଇଁ ଅନ୍ୟ ଏକ ଅମାନତ ରାଶି (Security Deposit) ବାବଦକୁ ଟ ୧୦,୦୦୦/- (ଦଶହଜାର ଟଙ୍କା) ଏହି କାର୍ଯ୍ୟାଳୟରେ ଜମା କରିବେ । ଏଥିରେ ଖିଲାପ କରିଲେ ତାଙ୍କ ଚୟନକୁ ରଦ୍ଦ କରାଯିବ ଏବଂ ଜମା କରାଯାଇଥିବା ରାଶି (Security Deposit) ବାଜ୍ୟାପ୍ତି କରାଯିବ ଏବଂ ସମସ୍ତ ପ୍ରକାର ଦେୟ ପରବର୍ତ୍ତୀ ବର୍ଷଗୁଡିକୁ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ 15 ତାରିଖ ପୂର୍ବରୁ ପଇଠ କରିବା ହେବେ ।

୯. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ-2016(OMMC RULE-2016) ର ପରିସରଭୁକ୍ତ ରହିବେ ।

୧୦. ସର୍ବୋଚ୍ଚ ନିଲାମଧାରୀ ଭଣ୍ଡ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବାMining Plan ବାବଦର ମୂଲ୍ୟ ପୈଠ କରିବାକୁ ହେବ । ପୁନଶ୍ଚ ନିଜଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ ( Environmental Clearance ) ସଂପୃକ୍ତ ଅଧିକାରୀଙ୍କ ଠାରୁ ହସଲ କରିବେ ।

୧୧. ନିଲାମଧାରୀ OMMC Rule-2016 ର ନିୟମ-33(1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ ।

୧୨. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ନଦୀବକ୍ଷ ଉପରେ ଚଳାଇବେ ନାହିଁ ।

୧୩. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିବାରିବେ ନାହିଁ ।

୧୪ ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ, ୨୦୧୬ ଓ ତତପରବର୍ତ୍ତୀ ସମସ୍ତ ସଂଶୋଧନ ନିୟମ ଏବଂ ଲିଜ ପରିଚାଳନା ସମ୍ବନ୍ଧୀୟ ସରକାରଙ୍କ ସମସ୍ତ ପ୍ରଚଳିତ ନିର୍ଦ୍ଦେଶାବଳି/ The Mines and Minerals (Development & Regulation) Act, 1957/Explosive Act, 2008 Mines Act 1952 ଏବଂ Explosive Act 1984 ତତସହିତ ପ୍ରଚଳିତସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ଏବଂ ମାନୁଆଲ ଅଫ ତହସିଲ ଅଫିସ ଭାଣ୍ଡାରର ମଧ୍ୟ ପରିସର ଭୁକ୍ତ ରହିବେ।

୧୫. ସର୍ବୋଚ୍ଚ ନିଲାମଧାରୀ ବାଲି ଓ ପଥର ଭଣ୍ଡାର ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ( Consent to establish & consent to operate ) ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡରୁ (OdishaState Pollution Control Board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୧୬. ମନୋନୀତ ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ଏବଂ ସମସ୍ତ ସାଇରାତ ର ଖବର କାଗଜରେ ବିଜ୍ଞାପନ ପ୍ରକାଶନ ଖର୍ଚ୍ଚ ସମାନୁପାତରେ ମଧ୍ୟ ବହନ କରିବେ ।

୧୭. ସୂଚନାଫଳକ (Display Board) ତିଆରି କରି ସେଥିରେ ସାଇରାତ ଭଣ୍ଡାରର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୮. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସାଇରାତ ଭଣ୍ଡାରରୁ ବାଲି ଓ ପଥର ଭଣ୍ଡାର ଉଠାଇପାରିବେ ନାହିଁ ।

୧୯. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା ଓଡିସା ଲଘୁ ଖଣିଜ ନିୟମ 2016 ଏବଂ ତତସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୨୦. କୌଣସି କାରଣ ନ ଦର୍ଶାଇ ବିଜ୍ଞପ୍ତି ପ୍ରକ୍ରିୟା କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳଙ୍କର ରହିଅଛି। ଏବଂ ଯଦି ଏହି ନିଲାମ ଇସ୍ତାହାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ ସଂଶୋଧନ କିମ୍ବା କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର , ପାପଡାହାଣ୍ଡି
ତହସିଲଦାର
ପାପଡାହାଣ୍ଡି

ଜ୍ଞାପକ ସଂଖ୍ୟା- 1730 /2020, ତା- 17/11/2020

ଏହାର ଏକକିତ ନକଲ ଓ ଫର୍ମ-ଏମ (Form-M) ର ନକଲ ଜିଲ୍ଲାପାଳ, ନବରଙ୍ଗପୁର / ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ନବରଙ୍ଗପୁର / ଉପଜିଲ୍ଲାପାଳ, ନବରଙ୍ଗପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତ ନକଲ ଓ ଫର୍ମ-ଏମ (Form-M) ର ନକଲ DIO, NIC, ନବରଙ୍ଗପୁରଙ୍କ ବିହିତ ଅବଗତି ଏବଂ କାର୍ଯ୍ୟଅନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନବରଙ୍ଗପୁର ଜିଲ୍ଲା ୱେବ ସାଇଟ ରେ ଉକ୍ତ ବିଜ୍ଞାପନକୁ upload କରିବାକୁ ଅନୁରୋଧ କରାଗଲା।

ଏହାର ଏକକିତ ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ପାପଡାହାଣ୍ଡିଙ୍କୁ ବିହିତ ଅବଗତି ଏବଂ କାର୍ଯ୍ୟଅନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ କରାଗଲାଯେ ସେ ଏହି ବିଜ୍ଞାପନକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ସୂଚନା ଫଳକରେ ଲଗାଇବା କରିବେ।

ଏହାର ଏକକିତ ନକଲ ତହସିଲ କାର୍ଯ୍ୟାଳୟର ସୂଚନା ଫଳକ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ସୂଚନା ଫଳକରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବା କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଗଲା

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରଦର୍ଶନ କରାଗଲା

ତହସିଲଦାର , ପାପଡାହାଣ୍ଡି
ତହସିଲଦାର
ପାପଡାହାଣ୍ଡି

**Annexure-I**

ଔପଚାରିକ-"କ"

## ଲିଜ ପାଇଁ ଇଚ୍ଛିତ ଲଘୁ ଖାଦାନ (ସୈରାତ ଉତ୍ସ) ବିସ୍ତାରିତ ବିବରଣୀ

| କ୍ର. ନଂ | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ | ଖାତା ନଂ | ପ୍ଲଟ ନଂ | ରକବା ଏକର ରେ | କିସମ | ଲଘୁ ଖଣିଜ ର ନାମ | ବାର୍ଷିକ ସର୍ବନିମ୍ନ ରୟାଲିଟିର ଧାର୍ଯ୍ୟ ମୂଲ୍ୟ (per cum ) ଟଙ୍କାରେ | ଅତିରିକ୍ତ ( Additional charge per cum )ଦେୟ ଟଙ୍କାରେ | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର / ପଥରର ପରିମାଣ | Bank Guarantee "OR" Solvency certificate (not less than below mentioned rupees) | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| ୧ | ଭଣ୍ଡିଗାଁ | ଭଣ୍ଡିଗାଁ-୧ ପଥରବଣା | 286 | 542 & 544 | 0.80 | ପଥରବଣୀ | ପଥର | 130/- | 10/- | 1304 cum. | 182560/- | 9128/- |
| ୨ | ପାପଡାହାଣ୍ଡି | ଖୁଣ୍ଟୁବାଇ ପଥରବଣା | 176 | 668 | 10.38 | ପଥରବଣୀ | ପଥର | 130/- | 10/- | 26960 cum. | 3774400/- | 188720/- |

ତହସିଲଦାର , ପାପଡାହାଣ୍ଡି

ତହସିଲଦାର୍
ପାପଡାହାଣ୍ଡି

Date:__________

**FORM – M**

Application for grant of Quarry Lease

[Seerule 27(4)]

To

The Tahasildar, Papadahandi.

Sir,

1. I/We__________________________ submit an application for a quarry lease for__________________ (mineral) for a term of Five years over............hectares/Acres of land in the area specified in the Annexure given below:-

2. A sum of Rs.1,000/- (Rupees One thousand) only payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 2016 has been paid in the Government Treasury at Nabarangpur and a receipted challan bearing No.......... dated____________ is enclosed.

3. The required particulars are given below:-

i) An affidavit stating that no mining due payable under the Act and Rules made thereunder is outstanding against the applicant.

ii)Where land belongs to private persons, consent of all such persons for grant of quarry lease.

iii)Solvency certificate and list of immovable property from the Revenue Authority.

4.(i) Name and address of the applicant..................................................

(ii) Nationality of the applicant..................................................

(iii) Profession of the applicant..................................................

(iv) Particulars of the areas, mineral wise, within the State for which the applicant or any person having joint interest with him..........................................

a) Already holds a quarry lease..............................................

b) Has already applied for a quarry lease but not granted..........................

c) Being applied for simultaneously..........................................

d) Nature of joint interest, if any..........................................

(v) Means by which the minor minerals is/are to be raised, i.e. whether manual or Mechanical......................

(vi) Manner in which the minor mineral raised to be utilized-

(a)For manufacture.......................

(b)For sale....................................

(vii) Details of the plan boundary description and land schedule of the area applied for tobe enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated.........

(xi) Any other particulars which the applicant wishes to furnish:
(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District: Nabarangpur.

5. Rate of additional charge (per cubic meter) quoted- Rs.___________ per cum.
(Rupees_______________________________________) only per cubic meter
N.B:
The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

N.B:

Signature of the applicant

If the application is signed by an authorized agent of the applicant, the power of attorney should be attached.